To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com

ସକାଳ
SAKALA

ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ

ଉଭୟପକ୍ଷ ରାସ୍ତା ଖୋଲିଦେଲେ କାଶ୍ମିର ସମସ୍ୟାର ସମାଧାନ ହୋଇଯିବ ।

R.N.I. No.-42041/83 Vol-15, Issue No.213, ଭଦ୍ରକ, ଶନିବାର, ୩, ଫେବୃୟାରୀ ୨୦୧୮ ■ Bhadrak, Saturday, 3 February 2018 Rs. 2.00 Pages-8

ମହାନଦୀକୁ ନେଇ ମୋଦିଙ୍କୁ ନବୀନଙ୍କ ଚିଠି

- ସୁପ୍ରିମ୍ କୋର୍ଟଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ କରାଯାଉ
- ମାସକ ମଧ୍ୟରେ ଟ୍ରିବ୍ୟୁନାଲ ଗଠନ କରାଯାଉ
- ଛତିଶଗଡର ୬ଟି ପ୍ରକଳ୍ପକୁ ତୁରନ୍ତ ବନ୍ଦ କରାଯାଉ

ଭୁବନେଶ୍ୱର,୨।୨(ସକାଳଖବର): ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଲେ ମୁଖ୍ୟମନ୍ତ୍ରୀ । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ କେନ୍ଦ୍ର ସରକାର ମାସକ ମଧ୍ୟରେ ମହାନଦୀ ପାଇଁ ଟ୍ରିବୁନାଲ ଗଠନ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଆଜି ଚିଠି ଲେଖିଛନ୍ତି ମୁଖ୍ୟମନ୍ତ୍ରୀ । ଏଥିସହ ମହାନଦୀର ଉପରମୁଣ୍ଡରେ ଛତିଶଗଡ ତିଆରି କରୁଥିବା ୬ଟି ପ୍ରକଳ୍ପ କାମକୁ ତୁରନ୍ତ ବନ୍ଦ କରିବା ପାଇଁ ଯଦି ପଦକ୍ଷେପ ନିଆଯାଏ ତେବେ ସେ କୃତଜ୍ଞ ରହିବେ ବୋଲି ଲେଖିଛନ୍ତି ନବୀନ । ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ କରିବା ପାଇଁ କେନ୍ଦ୍ରୀୟ ଜଳସମ୍ପଦ ବିଭାଗକୁ ପ୍ରଧାନମନ୍ତ୍ରୀ ନିର୍ଦ୍ଦେଶ ଦେଲେ ସେ ଖୁସି ହେବେ ବୋଲି ପ୍ରକାଶ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ରମୋଦିଙ୍କୁ ଲେଖିଥିବା ପତ୍ରରେ ନବୀନ ଦର୍ଶାଇଛନ୍ତି ଯେ ସୁପ୍ରିମକୋର୍ଟ ମହାନଦୀ ପାଇଁ ଟ୍ରିବୁନାଲ୍ ଗଠନ କରିବାକୁ ଜାନୁଆରୀ ୨୩ରୁ ନିର୍ଦ୍ଦେଶ ଦେଲେଣି । ମାସକ ମଧ୍ୟରେ ଟ୍ରିବୁନାଲ୍ ଗଠନ କରିବାକୁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ସୁପ୍ରିମକୋର୍ଟ । ଓଡ଼ିଶାର ୬୦ ପ୍ରତିଶତ ଲୋକ ମହାନଦୀ ଉପରେ ନିର୍ଭର କରନ୍ତି । ଛତିଶଗଡ ମହାନଦୀର ଉପରମୁଣ୍ଡରେ ତିଆରି କରୁଥିବା ୬ଟି ପ୍ରକଳ୍ପ ବନ୍ଦ ନକଲେ ଟ୍ରିବୁନାଲ ଗଠନର କୌଣସି ମୂଲ୍ୟ ରହିବ ନାହିଁ ଲେଖିଛନ୍ତି ମୁଖ୍ୟମନ୍ତ୍ରୀ ଚିନ୍ତା ପ୍ରକାଶ କରିଛନ୍ତି ।

ଚେଇଁ ଶୋଇଥିବ ଯିଏ ତାକୁ ଉଠେଇବ କିଏ : ଧର୍ମେନ୍ଦ୍ର

ଅନ୍ୟ ପକ୍ଷରେ ଏହି ଘଟଣା ଉପରେ ପ୍ରତିକ୍ରିୟା ରଖିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସେ କହିଛନ୍ତି ଚିଠି ଲେଖିବା ମୁଖ୍ୟମନ୍ତ୍ରୀଙ୍କ ଏକ ପୁରୁଣା ଅଭ୍ୟାସ । ଚିଠି ଲେଖିଲେ କୌଣସି ସମସ୍ୟାର ସମାଧାନ ହୁଏ ନାହିଁ । ଆଲୋଚନା ମାଧ୍ୟମରେ ସବୁ ସମସ୍ୟାର ସମାଧାନ ହୋଇପାରିବ ବୋଲି ସେ ବିବୃତ୍ତି ରଖିଛନ୍ତି ।

ନିବେଶକଙ୍କ ଡୁବିଲା ୫ ଲକ୍ଷ କୋଟି ଟଙ୍କା

ବଜେଟ୍ ପରେ ସେୟାର ବଜାରରେ ହାହାକାର

ନୂଆଦିଲ୍ଲୀ,୨।୨ : ବଜେଟରେ ନିରାଶ ମୁମ୍ବାଇ ସେୟାର ବଜାରର ସେନସେକ୍ସ ଶୁକ୍ରବାର ୮୪୦ ଅଙ୍କ ସହିତ ହ୍ରାସ ପାଇଛି । ଏଥିରେ ଅହେତୁକ ହ୍ରାସ ଯୋଗୁଁ ବମ୍ବେ ଷ୍ଟକଏକ୍ସଚେଞ୍ଜର ସୂଚୀବଦ୍ଧ କମ୍ପାନୀର ବଜାର ପୁଞ୍ଜି ୪,୫୮,୫୮୧.୩୮ କୋଟି ଟଙ୍କା ହ୍ରାସ

ପାଇ ୧,୪୮,୫୪,୪୫୨ କୋଟି ଟଙ୍କାରେ ପହଞ୍ଚି ଯାଇଛି । ଅର୍ଥାତ ନିବେଶକଙ୍କ ୪.୬ ଲକ୍ଷ କୋଟି ଟଙ୍କା ଡୁବିଛି । ୨୦୧୫ ଅଗଷ୍ଟ ୨୪ ପରେ ଗୋଟିଏ ଦିନରେ ସେନସେକ୍ସର ଏହା ସବୁଠୁ ବଡ଼ ହ୍ରାସ । ସେହି ଦିନ ସେନସେକ୍ସ ୧,୬୨୪.୫୧ ଅଙ୍କ

ନିବେଶକଙ୍କ ମୋଟ୍ ସଂପତ୍ତିକୁ ମିଶାଇ ୪.୬ ଲକ୍ଷ କୋଟି ଟଙ୍କା ନିମ୍ନ ସ୍ତରକୁ ଖସି ଆସିଛି । ବମ୍ବେ ସେୟାର ବଜାରର ୩୦ ସେୟାର ବିଶିଷ୍ଟ ସେନସେକ୍ସ ୮୩୯.୯୧ ଅଙ୍କ ଅର୍ଥାତ ୨.୩୪ ପ୍ରତିଶତ କ୍ଷତି ଦ୍ୱାରା ୩୫,୦୬୬.୭୫ ଅଙ୍କ ତଳକୁ ଖସି ଆସିଛି । ସେନସେକ୍ସରେ

(ପୃଷ୍ଠା-୭)

ରମାଦେବୀର ଦ୍ୱିତୀୟ କ୍ୟାମ୍ପସ୍ କୁ ନେଇ ତେଜୁଛି ଆନ୍ଦୋଳନ

- ବାଣିବିହାରରେ ଜଳିଲା ଆମ୍ବୁଲାନ୍ସ
- ଇଞ୍ଚେ ଯାଗା ନ ଦେବା ପାଇଁ ଛାତ୍ରଛାତ୍ରୀଙ୍କ ଶପଥ
- ପୋଲିସ୍ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଠେଲାପେଲା
- ସମର୍ଥନ ଜଣାଇଲେ ଅଧ୍ୟାପକ ଓ କର୍ମଚାରୀ

ଭୁବନେଶ୍ୱର, ୨।୨(ସକାଳଖବର): ଉତ୍କଳ ବିଶ୍ୱବିଦ୍ୟାଳୟରେ ରମାଦେବୀର ଦ୍ୱିତୀୟ କ୍ୟାମ୍ପସ୍ କୁ ନେଇ ଆନ୍ଦୋଳନ ତେଜିବାରେ ଲାଗିଛି। କ୍ରମାଗତ ତୃତୀୟ ଦିନ ପାଇଁ ବାଣୀବିହର କ୍ୟାମ୍ପସ୍ ମଧ୍ୟରେ ଉତେଜନା ଦେଖାଦେଇଛି। ଶୁକ୍ରବାର ଦିନ ଉତ୍ୟକ୍ତ ଛାତ୍ରମାନେ ବିଶ୍ୱ ବିଦ୍ୟାଳୟର ଭିସି ଅଫିସ୍ ନିକଟରେ ରହିଥିବା ଏକ ଆମ୍ବୁଲାନ୍ସକୁ ଜାଳି ଦେଇଛନ୍ତି । ଦୀର୍ଘ ଦିନ ଧରି ଆମ୍ବୁଲାନ୍ସଟି ଅବ୍ୟବହୃତ ହୋଇ ଭିସି ଅଫିସ୍ ସମ୍ମୁଖରେ ପଡି ରହିଥିଲା । ପରେ ଘଟଣାସ୍ଥଳରେ ମୁତୟନ ଥିବା ପୋଲିସ୍ କର୍ମଚାରୀ ମାନେ ପାଣି ଢାଳି ନିଆଁ ଲିଭାଇଥିଲେ ।

ଅନ୍ୟପକ୍ଷରେ ସମ୍ପୃକ୍ତ ଘଟଣାକୁ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚାପା ଉତେଜନା ଲାଗି ରହିଛି। ଶୁକ୍ରବାର ଛାତ୍ରଛାତ୍ରୀ ମାନେ କୂଳପତିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଟାୟାର ଜାଳି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । କୌଣସି ସୂତ୍ରରେ ରମାଦେବୀ ବିଶ୍ୱବିଦ୍ୟାଳୟ ଦ୍ୱିତୀୟ କ୍ୟାମ୍ପସ୍ ଲାଗି ବାଣୀବିହାର ଜମି ଦିଆଯିବ ନାହିଁ ବୋଲି ସେମାନେ ଅଡି ବସିଛନ୍ତି । ବିଶ୍ୱ ବିଦ୍ୟାଳୟର ଅଧ୍ୟାପକ ଓ କର୍ମଚାରୀ ମାନେ ସେମାନଙ୍କୁ ନୈତିକ ସମର୍ଥନ ଜଣାଇ କାର୍ଯ୍ୟ ବନ୍ଦ ରଖିଛନ୍ତି । ସୂଚନାଯୋଗ୍ୟ ଯେ ଉତ୍କଳ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସ ପ୍ରତିଷ୍ଠା ପ୍ରସ୍ତାବକୁ ଜୋରଦାର ବିରୋଧ କରାଯାଇଛି। ନିଷ୍ପତିର ପ୍ରତ୍ୟାହାର ଲାଗି ୩ଟି ଯାକ ଛାତ୍ର ସଙ୍ଗଠନ ଗତ ବୁଧବାର ଦିନ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ସୌମେନ୍ଦ୍ର ମୋହନ ପଟ୍ଟନାୟକଙ୍କୁ ଦାବିପତ୍ର ଦେଇଥିବା ବେଳେ ଗତକାଲି ଜାତୀୟ

(ପୃଷ୍ଠା-୭)

ଅଣ୍ଟା ଭିଡିଲା ବିଜେପି

ନାମାଙ୍କନ କଲେ ଅଶୋକ

ଭୁବନେଶ୍ୱର,୨।୨(ସକାଳଖବର): ବିଜେପୁର ଉପନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିବା ପାଇଁ ବିଜେପିର ଦଳୀୟ ପ୍ରାର୍ଥୀ ଅଶୋକ ପାଣିଗ୍ରାହୀ ନାମାଙ୍କନପତ୍ର ଦାଖଲ

କରିଛନ୍ତି । ଦୀର୍ଘ ୧୮ ବର୍ଷ ଧରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅସୁରକ୍ଷିତ, ଅବହେଳିତ, ଅପମାନିତ ଶାସନ ବିରୁଦ୍ଧରେ ବିଜେପି ପ୍ରତିବାଦର ଲଢେଇ ଲଢିବ । ବିଜେପୁରବାସୀ ଆଜି ମୁଖ୍ୟମନ୍ତ୍ରୀଙ୍କ ପାଇଁ ଲଜ୍ଜିତ ହୋଇଛନ୍ତି । ବିଜେପୁର ଉପ ନିର୍ବାଚନ ପୂର୍ବରୁ ସ୍ୱଭାବ କବି ଗଂଗାଧର ମେହେରଙ୍କ ନାମରେ ୧୨୫୦ କୋଟି ଅର୍ଥ ମଂଜୁର କରି ଅର୍ଥ ନଦେବା ମୁଖ୍ୟମନ୍ତ୍ରୀଙ୍କ ଅପାରଗତାକୁ ପ୍ରମାଣ କରୁଛି । ସୋହେଲା ସମାବେଶରେ ମୁଖ୍ୟମନ୍ତ୍ରୀ,ସର୍ବନିମ୍ନ ସହାୟକ ମୂଲ୍ୟଭାବେ ଧାନ କ୍ୱିଂଟାଲ ପ୍ରତି ୧୦୦ଟଙ୍କାର ବୋନସ ଘୋଷଣା କରିବା, ୩୫୦୦୦ ହଜାର କୋଟି ଟଙ୍କା ବିନିଯୋଗରେ ସେଚ ପ୍ରକଳ୍ପର ମିଥ୍ୟା ଘୋଷଣା ଆଜି ମଧ୍ୟ ଅଂଚଳବାସୀଙ୍କ ମନ ଭିତରେ ଲିପିବଦ୍ଧ ହୋଇ ରହିଛି । କେବଳ ଶସ୍ତା ରାଜନୀତି କରିବା ପାଇଁ ମୁଖ୍ୟମନ୍ତ୍ରୀ ବିଭିନ୍ନ ପ୍ରକଳ୍ପରେ ଶୁଭ ଦେଇ କୌଣସି କାମ ନକରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ଅନ୍ୟପଟେ ଉପନିର୍ବାଚନରେ ହାରିଯିବା

(ପୃଷ୍ଠା-୭)

ଦମ୍ ଦେଖାଇଲେ ସାରଦା

ଭୁବନେଶ୍ୱର, ୨।୨(ସକାଳଖବର): କଟକ ଜିଲ୍ଲାର ମାହାଙ୍ଗା ଅଂଚଳରେ ଗଠିତ ବିକାଶ ପରିଷଦର ଶାରଦା ପ୍ରଧାନ (ବୁଲୁ) ବଳିଆରସିଂହ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଉତ୍ସବରେ ୧୦ ହଜାରରୁ ଉର୍ଦ୍ଧ୍ୱ ଲୋକ ଯୋଗଦେଇଥିଲେ । ସୂଚନାଯୋଗ୍ୟ ଯେ

ଶୁକ୍ରବାର ଦିନ ବିଜେପିରେ ଯୋଗଦେଇଛନ୍ତି । ଶୁକ୍ରବାର ଦିନ କୁଆଁପାଳ ପଡିଆରେ ବିଜେପି ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଉତ୍ସବରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗ ଦେଇଥିଲେ । ପୂର୍ବତନ ମନ୍ତ୍ରୀ ସମୀର ଦେ, ବିଜେପିରେ ସଦ୍ୟ ଯୋଗ ଦେଇଥିବା ପୂର୍ବତନ ବିଧାୟକ ରମା ଶ୍ରୀ ପ୍ରଧାନ ପୂର୍ବରୁ ବିଜେଡିରେ ଥିଲେ ହେଁ ଟିକେଟ୍ ନମିଳିବାରୁ ସ୍ୱାଧୀନରେ ଲଢିଥିଲେ । ତାଙ୍କର ଯୋଗଦାନ ବିଜେଡି ଦଳ ଉପରେ କୌଣସି ପ୍ରଭାବ ପଡିବ ନାହିଁ କିମ୍ବା ଆଗାମୀ ନିର୍ବାଚନରେ ଯିଏ ଦଳୀୟ ପ୍ରାର୍ଥୀ ହେବ ସେ ଉପରେ ମଧ୍ୟ ପ୍ରଭାବ ପଡିବ ନାହିଁ ବୋଲି ମୁଖପାତ୍ର ସମୀର ରଂଜନ ଦାସ ପ୍ରକାଶ କରିଛନ୍ତି।

ବଢ଼ିବ ତାତି

ଭୁବନେଶ୍ୱର, ୨।୨(ସକାଳଖବର): ଶୀତ କମିଲାଣି , ତାତି ବଢୁଛି । ଫେବୃଆରୀ ଦ୍ୱିତୀୟ ସପ୍ତାହରୁ ତାତି ଆହୁରି ବଢ଼ିବା ଏହା ପରଠାରୁ ସାରା ରାଜ୍ୟରେ ତାପମାତ୍ରା ବୃଦ୍ଧି ପାଇବ ବୋଲି ଆଂଚଳିକ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ପାଣିପାଗ ବିଭାଗ

ନିର୍ଦ୍ଦେଶକ ଶରତ ସାହୁ କହିଛନ୍ତି ଯେ ଏବେ ରାଜ୍ୟରେ ଅଧିକାଂଶ ଅଂଚଳର ତାପମାତ୍ରାରେ ବୃଦ୍ଧି ଘଟିଥିଲେ ମଧ ରାତିରେ ଅଧିକ ଶୀତ ଅନୁଭୁତ ହେଉଛି। ଦିନର ତାପମାତ୍ରା ଅପେକ୍ଷାକୃତ ଅଧିକ ରହୁଛି। ଆସନ୍ତାକାଲିଠୁ ଧୀରେ ଧୀରେ ରାତିର ତାପାମାତ୍ରା ମଧ ବୃଦ୍ଧି ପାଇବ । ଗତକାଲି ମାଲକାନଗିରିରେ ସର୍ବାଧିକ ତାପମାତ୍ରା ୩୩ ଡିଗ୍ରୀ ସେଲସିଅସ୍ ଥିଲା। ସେହିପରି ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୫ ଡିଗ୍ରୀ ସେଲସିଅସ୍ ରେକର୍ଡ କରାଯାଇଥିବା ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି ।

କାର୍ଯ୍ୟରେ ଯୋଗ ଦେଲେ ମୁଖ୍ୟ ନିର୍ବାଚନ ଅଧିକାରୀ ସୁରେନ୍ଦ୍ର କୁମାର

ଭୁବନେଶ୍ୱର,୨।୨(ସକାଳଖବର): ପୂର୍ବତନ ସଚିବ ସୁରେନ୍ଦ୍ର କୁମାର ମୁଖ୍ୟ ନିର୍ବାଚନ ଅଧିକାରୀ ଭାବେ ଯୋଗ ଦେଇଛନ୍ତି । ଶୁକ୍ରବାର ଦିନ ସେ କାର୍ଯ୍ୟରେ ଯୋଗ ଦେଇଛନ୍ତି । ପୂର୍ବତନ ମୁଖ୍ୟ ନିର୍ବାଚନ ଅଧିକାରୀ ଡି.ଏନ୍ ଗୁପ୍ତା ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି । ୧୯୯୩ ବ୍ୟାଚର ଆଇଏଏସ୍ ସୁରେନ୍ଦ୍ର କୁମାର ପୂର୍ବରୁ ରାଜ୍ୟ ଅନୁସୁଚିତ ଜାତି ଓ ଜନଜାତି ବିଭାଗ ଏବଂ ସୂଚନା ଓ ଲୋକ ସଂପର୍କ ବିଭାଗର ପ୍ରମୁଖ ସଚିବ ଦାୟିତ୍ୱରେ ଥିଲେ। ଦାୟିତ୍ୱ ଗ୍ରହଣ କରିବା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସେ କହିଛନ୍ତି ଯେ ବିଜେପୁର ଉପ ନିର୍ବାଚନ ବେଳେ କାର୍ଯ୍ୟରେ ଯୋଗ ଦେଇଛି । ନିର୍ବାଚନ କିଭଳି ନିରପେକ୍ଷ

(ପୃଷ୍ଠା-୭)

ଭାଇକୁ ମାରିଲା ଭାଇ, ଖୁଡିକୁ ମାରିଲା ପୁତୁରା

ଜଟଣୀରେ ଚାଞ୍ଚଲ୍ୟ

ଜଟଣୀ, ୨।୨(ସକାଳଖବର): ଜଟଣୀ ଅଂଚଳ ବାଛରା ଗ୍ରାମ ପାର୍ଶ୍ୱ ଡେଲାଙ୍ଗ ଥାନା ଅନ୍ତର୍ଗତ ବଡ଼ଇଛାପୁର ଗ୍ରାମରେ ଜମିବାଡ଼ି ଭାଗ ଏବଂ ଅନ୍ୟାନ୍ୟ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସାନଭାଇର ଦୁଇଟି ବୋମା ମାଡ଼ରେ ବଡ଼ ଭାଇର ଶୋଚନୀୟ ମୃତ୍ୟୁ ଘଟିଛି ।

ସୂଚନାଯୋଗ୍ୟ, ଜଟଣୀ ବାଛରା ଗ୍ରାମ ପାର୍ଶ୍ୱ ତଥା ଡେଲାଙ୍ଗ ଥାନା ଅନ୍ତର୍ଗତ ବଡ଼ଇଛାପୁର ଗ୍ରାମରେ ଆଜି ମଧ୍ୟାହ୍ନରେ ସ୍ୱର୍ଗତ ହାଡ଼ବନ୍ଧୁ ସେଠୀଙ୍କ ପୁଅ ଗଙ୍ଗାଧର ସେଠୀ, ପାଣ୍ଡବ ସେଠୀ ଓ ବଂଶୀଧର ସେଠୀ ପ୍ରଭୃତି ପରିବାର ମଧ୍ୟରେ ଜମିବାଡ଼ି ଭାଗ ବଂଟାକୁ କେନ୍ଦ୍ର କରି ବଚସା ହୋଇଥିଲା । ଏହି ବଚସା ପୂର୍ବେ ବହୁ ଦିନରୁ ଲାଗି ରହିଥିବା ବେଳେ ଏହି ଘଟଣା ଧିରେ ଧିରେ ଶତ୍ରୁତା ଆଡ଼କୁ ଗତି କରିଥିଲା । ମାତ୍ର ଆଜି ଅପରାହ୍ନରେ ଏହି ଘଟଣାର ପୁନରାବୃତ୍ତି ହେବା ସହ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ଆରମ୍ଭ ହେବା ପରେ ପାଣ୍ଡବ ସେଠୀ ଓ ବଂଶୀଧର ସେଠୀ ଘରୁ ବାହାରି ଅଶ୍ଲିଳ ଗାଳି ଗୁଲଜ କରିବା ସହ ହାତରେ ଦୁଇଟି ବୋମା ଧରି ଆସି ସମସ୍ତଙ୍କୁ ମାରିଦେବା ବୋଲି କହିଥିଲେ । ତେବେ ଏ ନେଇ ଘରେ ଥିବା ଗଙ୍ଗାଧର ବାହାରକୁ ବାହାରି କାହାକୁ ଗାଳି କରୁଛ କହି ପାଣ୍ଡବ ଓ ବଂଶୀଧର ନିକଟକୁ ଆସୁଥିବା ବେଳେ ଗଙ୍ଗାଧରଙ୍କ ପେଟକୁ ବୋମା ମାଡ଼ କରିଥିବା, ଗଙ୍ଗାଧରଙ୍କ ପୁଅ ଗଣମାଧ୍ୟମକୁ ସୂଚନା ଦେଇଥିଲେ । ଏଥବରେ ଗଙ୍ଗାଧର ତଳେ ପଡ଼ିଯିବା ସହ ଦୁଇ ହାତ, ଗୋଡ଼ ଗୁରୁତର ଭାବରେ ଖଣ୍ଡିଆ ଖାବରା ହେବା ସହ ଅନ୍ତବୁଜୁଳା ବାହାରକୁ ବାହାରି ପଡ଼ିଥିଲା । ଘଟଣା ସ୍ଥଳରେ ଗଙ୍ଗାଧରଙ୍କ ଶୋଚନୀୟ ମୃତ୍ୟୁ ଘଟିଥିଲା । ଏ ନେଇ ଗ୍ରାମରେ ଉତେଜନା ପ୍ରକାଶ ପାଇବା ପରେ ଖବର ପାଇ ଜଟଣୀ ଥାନାଧିକାରୀ ସଞ୍ଜିବ ମହାନ୍ତି ଓ ଟିମ ସହିତ ଡେଲାଙ୍ଗ ଥାନା ଅଧିନ ହରିରାଜପୁର ଫାଣ୍ଡିଅଧିକାରୀ ପ୍ରକାଶ ମଲିକଙ୍କ ସହିତ ସହଯୋଗୀ ପୁଲିସମାନେ ଘଟଣା ସ୍ଥଳରେ ପହଂଚି ପରିସ୍ଥିତିକୁ ନିୟନ୍ତ୍ରଣ କରିବା ସହଶବ ବ୍ୟବଚ୍ଛେଦ ପାଇଁ ଡେଲାଙ୍ଗ ପୁଲିସ ପଠାଇଥିଲା । ମୃତ ଗଙ୍ଗାଧର ରେଳବାଇ ଡିଭିଜନରେ

(ପୃଷ୍ଠା-୭)

୫ରେ ହେବ ନାସ୍

ଜାତୀୟ ଉପଲବ୍ଧି ସର୍ବେକ୍ଷଣ ପରୀକ୍ଷା

ଭୁବନେଶ୍ୱର, ୨।୨(ସକାଳଖବର): ଜାତୀୟ ଉପଲବ୍ଧି ସର୍ବେକ୍ଷଣ ପରୀକ୍ଷା (ନ୍ୟାସନାଲ ଆଚିଭମେଂଟ ସର୍ଭେ) (ନାସ୍) ଆସନ୍ତା ଫେବୃଆରୀ ୫ ତାରିଖରେ ରାଜ୍ୟର ୩୦ଟି ଜିଲ୍ଲାର ୨୪ ଶହ କେନ୍ଦ୍ରରେ ଅନୁଷ୍ଠିତ ହେବ । ମାଧ୍ୟମିକ ଶିକ୍ଷା ପରିଷଦର ପ୍ରତ୍ୟକ୍ଷ ତତ୍ୱାବଧାନରେ ଅନୁଷ୍ଠିତ ହେଉଥିବା ଏହି ଜାତୀୟ ଉପଲବ୍ଧି ସର୍ବେକ୍ଷଣ ପରୀକ୍ଷାରେ ରାଜ୍ୟର ୧ ଲକ୍ଷ ୮ ହଜାର ଦଶମ ଶ୍ରେଣୀ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିବା ନିମନ୍ତେ ମନୋନୀତ ହୋଇଛନ୍ତି । ପ୍ରତ୍ୟେକ ଜିଲ୍ଲାରେ ଛାତ୍ରଛାତ୍ରୀମାନଙ୍କ ସୁବିଧା ନିମନ୍ତେ ୮୦ଟି ପରୀକ୍ଷା କେନ୍ଦ୍ରର ବ୍ୟବସ୍ଥା କରାଯାଇଛି । ଓଡ଼ିଆ, ଇଂରାଜୀ, ଗଣିତ, ବିଜ୍ଞାନ ଓ ସାମାଜିକ ବିଜ୍ଞାନ ଭଳି ୫ଟି ବିଷୟରେ ପରୀକ୍ଷା କରାଯିବ ।

(ପୃଷ୍ଠା-୭)

ମହିଳା କମିଶନ ଅଫିସ୍ ଭଙ୍ଗାରୁଜା ଘଟଣାରେ ନିଆଯିବ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, ୨।୨(ସକାଳଖବର): କୁନ୍ଦୁଲି ଘଟଣାକୁ ନେଇ ଗତକାଲି ବିଜେପି ମହିଳା ମୋର୍ଚ୍ଚା ପକ୍ଷରୁ ରାଜ୍ୟ ମହିଳା କମିଶନ ପରିସର ମଧ୍ୟରେ ଭଙ୍ଗାରୁଜା କରିବା ଘଟଣା ଉପରେ ଅନୁସନ୍ଧାନ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ୍ କମିଶନର ୱାଇ.ବି ଖୁରାନିଆ ପ୍ରକାଶ କରିଛନ୍ତି । ମହିଳା କମିଶନଙ୍କ ରିପୋର୍ଟ ଆଧାରରେ ଏହି ମାମଲା ରୁଜୁ କରାଯାଇଛି। ସିସିଟିଭି ଫୁଟେଜ୍ ଆଧାରରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଶ୍ରୀ ଖୁରାନିଆ ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ ଯେ ଗତକାଲି କୁନ୍ଦୁଲି ଘଟଣାରେ ତଦନ୍ତ ରିପୋର୍ଟ ସାର୍ବଜନୀନ କରିବା ଦାବିରେ ବିଜେପି ମହିଳା ମୋର୍ଚ୍ଚା ପକ୍ଷରୁ ରାଜ୍ୟ ମହିଳା କମିଶନଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା । ବିକ୍ଷୋଭକାରୀ ମହିଳା ମାନେ କାର୍ଯ୍ୟାଳୟ ମଧ୍ୟକୁ ପଶି ମହିଳା କମିଶନଙ୍କ ନେମ୍ ପ୍ଲେଟ୍ କାଢି ଫିଙ୍ଗି ଦେବ ସହ ଭଙ୍ଗାରୁଜା କରିଥିଲେ । କାର୍ଯ୍ୟାଳୟ ମଧ୍ୟକୁ ଧଶେଇ ପଶିବା ବେଳେ ପୋଲିସ୍ ସେମାନଙ୍କୁ ଅଟକାଇଥିଲା। ଫଳରେ କର୍ମୀ ଓ ପୋଲିସ୍ କର୍ମଚାରୀଙ୍କ ମଧ୍ୟରେ ଠେଲାପେଲା ହୋଇଥିଲା । ପରେ ପରିସ୍ଥିତି ନିୟନ୍ତ୍ରଣାଧୀନ ହୋଇଥିଲା। ସେହିପରି ମହିଳା କର୍ମୀ ମାନେ କମିଶନଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚୁଡି ଟଙ୍ଗାଇଥିଲେ ।



ଯିଏ ମୋତେ ଭକ୍ତିରେ ହାତ ଯୋଡିବ ମୁଁ ତା ପାଖକୁ ପହଞ୍ଚିବି ସେ

ହୁଣ୍ଡିର ଆୟ (୨.୨.୧୮)
୧,୨୮,୮୩୯

ପ୍ରଦର୍ଶନୀ ପଡିଆରେ ଅଗ୍ନିକାଣ୍ଡ

ଭୁବନେଶ୍ୱର,୨।୨(ସକାଳଖବର): ଭୁବନେଶ୍ୱର ପ୍ରଦର୍ଶନୀ ପଡିଆରେ ଅଗ୍ନିକାଣ୍ଡ ଘଟିଛି। ଶୁକ୍ରବାର ସଂଧ୍ୟାରେ ଏଠାରେ ଚାଲିଥିବା ଜାତୀୟ ହସ୍ତତନ୍ତ ପ୍ରଦର୍ଶନୀର ମୁଖ୍ୟ ଫାଟକ ନିକଟରେ ଏହି ଅଗ୍ନିକାଣ୍ଡ ଘଟିଥିଲା । ଫଳରେ ଫାଟକ ଏବଂ ଏହାକୁ ଲାଗିଥିବା ଏକ ଗଛ କିଛିଇ ଅଂଶରେ ଜଳି ଯାଇଥିଲା । ଅଗ୍ନିଶମ ସେବା କର୍ମଚାରୀ ମାନେ ତୁରନ୍ତ ନିଆଁକୁ ଆୟତ କରିଥିଲେ । ଅଗ୍ନିକାଣ୍ଡର କାରଣ ଜଣାପଡିନଥିଲେ ମଧ୍ୟ ସର୍ଟ ସର୍କିଟ୍ ଯୋଗୁଁ ଏପରି ଅଘଟଣ ଘଟିଥିବା ଅନୁମାନ କରାଯାଉଛି ।

(ପୃଷ୍ଠା-୭)

ଅର୍ଥ ମନ୍ତ୍ରୀ ବିତରଣ କଲେ ‘ଏ ଏନ୍’ ସିରିଜ୍ର ପୁରସ୍କାର

ଓଡ଼ିଶା ସ୍ୱଳ୍ପ ସଂଚୟ ପ୍ରୋତ୍ସାହନ ଯୋଜନା

ଭୁବନେଶ୍ୱର, ୨।୨(ସକାଳଖବର):ଓଡ଼ିଶା ସରକାରଙ୍କର ଅର୍ଥ ବିଭାଗ, ସ୍ୱଳ୍ପ ସଂଚୟ ନିର୍ଦ୍ଦେଶାଳୟ ଆନୁକୂଲ୍ୟରେ ଓଡ଼ିଶା ସ୍ୱଳ୍ପ ସଂଚୟ ପ୍ରୋତ୍ସାହନ ଯୋଜନା ‘ଏ ଏନ୍’ ସିରିଜର ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସଚିବାଳୟସ୍ଥିତ ଅର୍ଥମନ୍ତ୍ରୀଙ୍କର କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସଂକ୍ଷିପ୍ତ ତଥା ନିରାଡ଼ମ୍ବର ଉତ୍ସବରେ ଅର୍ଥମନ୍ତ୍ରୀ ଶ୍ରୀ ଶଶିଭୂଷଣ ବେହେରା ଏହି ଯୋଜନାର ପ୍ରଥମ, ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ପୁରସ୍କାର ବିଜୟୀମାନଙ୍କୁ ସେମାନଙ୍କର ପୁରସ୍କାର ରାଶି ପ୍ରଦାନ କରିଥିଲେ ।

ବ୍ରହ୍ମପୁରର ଶ୍ରୀମତୀ ସାରଦା କୁମାରୀ ସାହୁ ଓ ସୁଜ୍ଞାନୀ ସାହୁ ଯୁଗ୍ମ ଭାବେ ପ୍ରଥମ ପୁରସ୍କାର, ଟାଙ୍ଗି(ଖୋର୍ଦ୍ଧା)ର ଶ୍ରୀ ସନ୍ତୋଷ କୁମାର ସାହୁ ଦ୍ୱିତୀୟ, ମଙ୍ଗରାଜପୁର(ଭଦ୍ରକ)ର ଶ୍ରୀ ସୁଶାନ୍ତ କୁମାର ଗୁଇଁ ଓ ଶ୍ରୀମତୀ ସୋନାଲି ଦେ ଯୁଗ୍ମ ଭାବେ ତୃତୀୟ ପୁରସ୍କାର ଗ୍ରହଣ କରିଥିଲାବେଳେ ଚତୁର୍ଥ ପୁରସ୍କାର ଯଥାକ୍ରମେ ସରସଦା(ଭଦ୍ରକ)ର ଶ୍ରୀ ମାନସ ରଞ୍ଜନ ଦାଶ ଓ ପୁରୁଣାକଟକ(ବୌଦ୍ଧ)ର ଶ୍ରୀ ପ୍ରାଣନାଥ ବେହେରା ଗ୍ରହଣ କରିଥିଲେ । ଏହି ଯୋଜନାରେ ପ୍ରଥମ, ଦ୍ୱିତୀୟ, ତୃତୀୟ ଓ ଦୁଇଟି ଚତୁର୍ଥ ପୁରସ୍କାରର ରାଶି ଯଥାକ୍ରମେ ୫ ଲକ୍ଷ, ୩ ଲକ୍ଷ, ୧ ଲକ୍ଷ ଏବଂ ୫୦ ହଜାର ଟଙ୍କାର ବ୍ୟବସ୍ଥା ରହିଛି । ଆୟକର ନିୟମ ଅନୁସାରେ ପୁରସ୍କାର ରାଶିର ୩୦ ପ୍ରତିଶତ ଅର୍ଥ ଆୟକର ବାବଦକୁ କାଟି ବଳକା ରାଶି ପୁରସ୍କାର ବିଜୟୀମାନଙ୍କୁ ପ୍ରଦାନ କରାଯାଇଥିଲା । ଏହି ଅବସରରେ ଅର୍ଥମନ୍ତ୍ରୀ ଶ୍ରୀ ବେହେରା ସ୍ୱଳ୍ପ ସଂଚୟ ଆନ୍ଦୋଳନରେ

ସମାଜର ପ୍ରତ୍ୟେକ ବର୍ଗ ନିଜକୁ ସାମିଲ କରି ସୁରକ୍ଷିତ ଏବଂ ସରଳ ଉପାୟରେ ବ୍ୟକ୍ତିଗତ ଆର୍ଥିକ ପରିଚାଳନା

(ପୃଷ୍ଠା-୭)

ମର୍ମନ୍ତୁଦ ସଡ଼କ ଦୁର୍ଘଟଣା, ୨ ମୃତ ଜଣେ ଗୁରୁତର

କେନ୍ଦ୍ରାପଡ଼ା,୨।୨(ସକାଳଖବର): କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ ତିଅର ଛକ ନିକଟରେ ଦୁଇ ବାଇକ ମୁହାଁମୁହିଁ ଧକକା ଯୋଗୁଁ ଦୁଇ ଜଣଙ୍କର ମୃତ୍ୟୁ ହେବା ସହିତ ଜଣଙ୍କ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇଛି । ମୃତକ ଦ୍ୱୟ ହେଲେ ନାଥପୁର ଗ୍ରାମର ସଂଜୟ ଜେନା (୨୨) ଓ ଗୁପ୍ତି ଗ୍ରାମର ବାସୁଦେବ ପଲାଇ (୩୮) । ଗୁରୁତର ଜଣକ ସାତଭାୟା ଗ୍ରାମର ଅକ୍ଷୟ ଲେଙ୍କା, ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି । ଯାହାକୁ ନେଇ ଅଂଚଳରେ ଶୋକର ଛାୟା ଖେଳିଯାଇଛି ।

µjŸäþ A™LjæÀj AæBœj Óó¨Ljtj Ó{`jtjœjtjæ LjæþÉæÀjæ

Aæf þºæB{Àj D¨×æ¨tj {Üj¯j "'j sàj þ¿æœj ¯jf ¨tœjæßLj'

{ÀjÁj¯jæB{Àj 'jœjêtj œj¯jæÀj~ ¨æB fœj Ó{`jtjœjtjæ Aµj¾æœj

ÓºàÀj 10.02.2018 ... Fjó 155210 ... 8455885031 ... sdgm@ecor.railnet.gov.in

{Óàj ÜjLj FLjæ{xjþê ¯j{œjæ'j Q¤{ƒLjÀj AÎþ Ó¯j µjæÀjtjêß Ó,'j Lj¨ ÜjLj s,jæ{þ+{Àj `j¸ßæœj

Sj¿Ó àjLjÀj ASLjæƒ : 12 ¯jQÀjæ fÀjSàjæ

¯jÖ F¯jó {Ó¯jæLjÀj

Šæœj 'jA;j : ä'j F¯jó þšþ F+Àj ¨æBfÓ (FÓFþBFÓ)

Aæ¨~ 31 þæàj 2018 ¨¾¿;j Lj{¸æfÓœj ÔjþÀj Ó¯j™æ {œjB¨æÀj{¯j F¯jó ¨Àj¯j^jê þæÓÀj ¨$þ 'jœjÀj FÜjæÀj Ó¯j™æ {œjB¨æÀj{¯j æ

{¾DþæœjZjÀj Aæ$Lj LjæÀj¯jæÀj 1 {Ljæs ¨¾¿;j {ÜjæB$¯j {Óþæ{œj þš Lj{¸æfs ÔjþÀj Ó¯j™æ {œjB¨æÀj{¯j {¾D${Àj œjþàjQtj LjÀj þàj¿ ÀjÜj¯j æ

¯j¿¯jÓæßê-LjÀj {¾æS¿ '¯j¿ F¯jó {¾æS~ LjæÀj¯jæÀjÀj 1%	œjþætjæ - Àjæf¿{Àj LjæÀj¯jæÀjÀj 1%	{Àj ÎÀjæ+ - Àjæf¿{Àj Aæ$Lj LjæÀj¯jæÀjÀj 5%

20àjà sZjæÀj ... 9(4) ... 5(4) ... 31.03.2018 ...

1.5 {Ljæs sZjæ ¨¾¿;j LjæÀj¯jæÀj LjÀj$¯jæ LjÀj'jætjæZj ¨æB ÀjÜjætj

... 1.5 {Ljæs ... 20 ...

*1 ... 75 àjà sZjæ A{s æ

2 ... 1.5 {Ljæs ...

¯jÖ F¯jó {Ó¯jæ LjÀj - µjàj F¯jó ÓÀjÁj LjÀj

B{þf FLjæ'jÉ H Fþ¯jÓs ¯jfßê

Àj¨æ Aæƒ s¨ þ{ÜjæÓ¯j D'j¾æ¨tj

Printed, Published & Owned by Amit Kumar Mallick Printed at Press Webline,D-2/19 Sector, Sector-A,Zone-D, Mancheswar Industrial Estate,BBSR-751010, City Office: A/69, Unit - 3, Industrial Area, Kharvel Nagar, Bhubaneswar - 1, Ph./Fax. : (0674) 2380706, (O), E-mail address : thesakala@hotmail.com, thesakal0@gmail.com

Editor - Amit Kumar Mallick